# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 19 October – 2025

*************************************

## ମୁଖ୍ୟ ସମ୍ବାଦ

- ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

— ଆଭାସୀ ମାଧ୍ୟମରେ ୪୭୧ ଗ୍ରାମପଂଚାୟତ କାର୍ଯ୍ୟାଳୟର କଲେ ଭିତ୍ତିପ୍ରସ୍ତର ସ୍ଥାପନ

- ବିଧାନସଭା ଉପନିର୍ବାଚନର ସୁପରିଚାଳନା ନେଇ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଲେ ନିର୍ବାଚନ କମିଶନ

- ଦୀପାବଳି ତଥା ପୟା ଶ୍ରାଦ୍ଧ ଅବସରରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁରୀରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ବଜ୍ରପାତ ସହ ବର୍ଷା ସମ୍ଭାବନା

# ଅନ୍ତ୍ୟୋଦୟ-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୭ ହଜାର ୫୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗତ ଆର୍ଥିକବର୍ଷରୁ ଆସନ୍ତା ୨୦୨୭-୨୮ ଆର୍ଥିକ ବର୍ଷ ମଧ୍ୟରେ ଏହି ଅର୍ଥ ଖର୍ଚ୍ଚ କରାଯାଇ ୫ ଲକ୍ଷ ଆବାସ ନିର୍ମାଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଭୁବନେଶ୍ୱର ଲୋକସେବା ଭବନରେ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ତୃତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି ଅର୍ଥରାଶି ପ୍ରଦାନ ଅବସରରେ ଶ୍ରୀ ମାଝୀ ଏହା କହିଛନ୍ତି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନୂଆପଡ଼ା ଏବଂ କଳାହାଣ୍ଡି ଜିଲ୍ଲା ବ୍ୟତୀତ ୨୮ଟି ଜିଲ୍ଲାର ୪୮ ଜହାର ୬୯୩ ଜଣ ହିତାଧିକାରୀଙ୍କୁ ୪୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି...

**- V/O -**

ମୁଖ୍ୟମନ୍ତ୍ରୀ କହିଛନ୍ତି, ୪ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରୁଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଏବଂ ୬ ମାସ ମଧ୍ୟରେ ଶେଷ ହେଲେ ୧୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି।

ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତିରେ ୬୫ ହଜାର ଏବଂ ତୃତୀୟ କିସ୍ତିରେ ୧୫ ହଜାର ଏହିପରି ମୋଟ୍ ୧ ଲକ୍ଷ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ

କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।  ଏହି ଅବସରରେ ମୁଖ୍ୟମନ୍ତ୍ରୀ ୪୭୧ଟି ଗ୍ରାମପଂଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକରେ ସରପଞ୍ଚ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ ଓ ଆକାଉଣ୍ଟାଣ୍ଟମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ ରହିବ। ଏହାଦ୍ୱାରା ପଂଚାୟତର ସମସ୍ତ ସେବା, ଗୋଟିଏ ସ୍ଥାନରୁ ମିଳିପାରିବ। ଏହି କାର୍ଯ୍ୟାଳୟଗୁଡ଼ିକ ୱାନ୍ ଷ୍ଟପ୍ ସର୍ଭିସ୍ ସେଣ୍ଟର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ହିତାଧିକାରୀ ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ସହ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି।

କାର୍ଯ୍ୟକ୍ରମରେ ପଂଚାୟତିରାଜ ଓ ପାନୀୟଜଳ ଏବଂ ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ୨୮ଟି ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ, ପଂଚାୟତିରାଜ ପ୍ରତିନିଧି ଓ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

## ଇ.ସି.ଆଇ. - ଅବ୍‌ଜରଭର୍ସ

ବିଧାନସଭା ଉପନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଏବଂ ନିରପେକ୍ଷ ଭାବେ ପରିଚାଳନା କରିବା ଲକ୍ଷ୍ୟ ନେଇ ତୀକ୍ଷ୍ଣ ନଜର ରଖିବାକୁ ନିର୍ବାଚନ କମିଶନ୍ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କମିଶନ୍ କହିଛନ୍ତି, ବିଭିନ୍ନ ରାଜ୍ୟରେ ହେବାକୁଥିବା ୮ଟି ବିଧାନସଭାମଣ୍ଡଳୀ ଉପନିର୍ବାଚନ ପାଇଁ ୮ ଜଣ ଲେଖାଏଁ ସାଧାରଣ ଓ ପୁଲିସ୍ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତ କରାଯାଇଥିବା କମିଶନ ସୂଚନା

ଦେଇଛନ୍ତି । ନିର୍ବାଚନ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କମିଶନ୍ ପର୍ଯ୍ୟବେକ୍ଷକମାନଙ୍କୁ କହିଛନ୍ତି । ରାଜନୈତିକ ଦଳର ପ୍ରତିନିଧି, ପ୍ରାର୍ଥୀ ଏବଂ ମତଦାତାଙ୍କ ସହ ସମନ୍ୱୟ ରକ୍ଷା କରି ସମୟୋଚିତ ପଦକ୍ଷେପ ଗ୍ରହଣ କରିବାକୁ କମିଶନ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ମତଦାନ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରିବା ସହିତ ମତଦାତାଙ୍କ ସୁବିଧାପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥାଗୁଡ଼ିକର ସଠିକ କାର୍ଯ୍ୟକାରିତା ନିଶ୍ଚିତ କରିବାକୁ କମିଶନ୍ ପର୍ଯ୍ୟବେକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଫାସ୍‌ଟ୍ୟାଗ୍ - ଇୟର୍‌ଲି ପାସ୍

ଦେଶରେ ଫାସ୍‌ଟ୍ୟାଗ୍ ବାର୍ଷିକା ପାସ୍ ବ୍ୟବସ୍ଥା ଶୁଭାରମ୍ଭ ହେବାର ଦୁଇମାସ ମଧ୍ୟରେ ୨୫ ଲକ୍ଷ ଉପଭୋକ୍ତା ସାମିଲ୍ ହୋଇଛନ୍ତି । ଗତ ଅଗଷ୍ଟ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ବ୍ୟବସ୍ଥା ମାଧ୍ୟମରେ ଇତିମଧ୍ୟରେ ରେକର୍ଡ଼ ପରିମାଣ ୫ କୋଟି ୬୭ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି । ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ଯାତ୍ରାକୁ ଏହା ସୁଗମ କରିବା ସହ ଏଥିପ୍ରତି ଆଗ୍ରହ ବୃଦ୍ଧି ପାଇଛି । ଦେଶର ପ୍ରାୟ ଏକ ହଜାର ୧୫୦ ଟୋଲ୍ ପ୍ଲାଜାକୁ ଏହି ବ୍ୟବସ୍ଥାରେ ସାମିଲ୍ କରାଯାଇଛି । ବାର୍ଷିକ ପାସ୍ ବ୍ୟବସ୍ଥା ଉପଭୋକ୍ତାଙ୍କୁ ୩ ହଜାର ଟଙ୍କା କିମ୍ବା ୨୦୦ ଟୋଲ୍ ପ୍ଲାଜା ଅତିକ୍ରମ ପାଇଁ ଏକକାଳୀନ ଅର୍ଥ ପ୍ରଦାନର ବ୍ୟବସ୍ଥା କରିଥାଏ । ଏହାଦ୍ୱାରା ଫାସ୍‌ଟ୍ୟାଗ୍‌କୁ ବାରମ୍ବାର ରିଚାର୍ଜ କରିବାର ଆବଶ୍ୟକତା ପଡ଼ି ନ ଥାଏ । ରାଜମାର୍ଗ ଯାତ୍ରା ଆପ୍

ମାଧ୍ୟମରେ ଏକକାଳୀନ ଶୁଳ୍କ ପୈଠ ସହିତ ଯାନବାହନ ସହିତ ଲିଙ୍କ୍ ହୋଇଥିବା ଫାସ୍‌ଟ୍ୟାଗ୍‌ରେ ଏହି ବାର୍ଷିକ ପାସ୍ ସକ୍ରିୟ ହେବାର ବ୍ୟବସ୍ଥା ରହିଛି । ଚଳିତ ପାର୍ବଣ ଋତୁରେ ରାଜମାର୍ଗ ଆପ୍ ମାଧ୍ୟମରେ ବାର୍ଷିକ ପାସ୍ ବାବଦରେ ଅର୍ଥ ପୈଠଜନିତ ଉପହାର ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଏହାର ସୁଯୋଗ ନେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଛି ।

## ପୟା ଶ୍ରାଦ୍ଧ

**ପୁରୀ** ଶ୍ରୀକ୍ଷେତ୍ରରେ ପବିତ୍ର ଦୀପାବଳି ତଥା ପୟା ଶ୍ରାଦ୍ଧ ଅବସରରେ ପ୍ରବଳ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୨୮ ପ୍ଲାଟୁନ୍ ପୁଲିସ୍ ଫୋର୍ସ୍ ସହ ୪ ଜଣ ଅତିରିକ୍ତ ଏସ୍‌ପି, ୧୫ ଜଣ ଡିଏସ୍‌ପି, ୧୪ ଜଣ ଇନସ୍‌ପେକ୍ଟର ପାହ୍ୟାର ଅଧିକାରୀ ମୁତୟନ ହେବେ। ସିଂହଦ୍ୱାର ନିକଟରେ ଶ୍ରଦ୍ଧାଳୁମାନେ କାଉଁରିଆକାଠି ଜାଳି ବଡ଼ବଡ଼ିଆ ଡାକିବା ପାଇଁ ୪ଟି ସ୍ଥାନ ନିରୂପଣ କରାଯାଇଛି। ଆସନ୍ତାକାଲି ଏବଂ ମଙ୍ଗଳବାର ଦୁଇଦିନ ପାଇଁ ଭୋର ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପୁରୀ ସହରରେ ଟ୍ରାଫିକ୍ କଟକଣା ଲାଗୁ ହୋଇଥିବା ନେଇ ପୁରୀ ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ଦୀପାବଳୀ ନିର୍ଦ୍ଦେଶନାମା

ଦୀପାବଳୀରେ ବାଣ ଫୁଟାଇବାକୁ ନେଇ କମିଶନରେଟ ପୁଲିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ଅନୁମତି ପ୍ରଦାନ କରାଯାଇଛି। ଦୀପାବଳି ଦିନ ଆସନ୍ତାକାଲି କଟକରେ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ପାଇଁ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି ବୋଲି କଟକ ଡିସିପି ଋଷିକେଶ ଖିଲାରୀ ସୂଚନା ଦେଇଛନ୍ତି। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କଟକର ବିଭିନ୍ନ ପୂଜାମଣ୍ଡପ ଓ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ପୁଲିସ୍ ମୁତୟନ କରାଯିବ ବୋଲି ଶ୍ରୀ ଖିଲାରୀ କହିଛନ୍ତି। ପୂର୍ବରୁ ଭୁବନେଶ୍ୱରରେ ମଧ୍ୟ ଅନୁରୂପ ଭାବେ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଥିଲେ। ପୁଲିସ ପକ୍ଷରୁ ପଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ବେଆଇନ ବାଣ ବିକ୍ରି କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ୍ ପୁଲିସ୍ ପକ୍ଷରୁ ଜନସାଧାରଣଙ୍କୁ ଅବଗତ କରାଯାଇଛି।

ଭୁବନେଶ୍ୱର ତମାଣ୍ଡୋ ଅଗ୍ନିଶମ ବିଭାଗ ପକ୍ଷରୁ ବରମୁଣ୍ଡା ପଡିଆରେ ବାଣଦୋକାନଗୁଡ଼ିକର ଯାଞ୍ଚ କରାଯାଇଛି। ଦୋକାନଗୁଡ଼ିକରେ ଅଗ୍ନିଶମ ଉପକରଣ, ପର୍ଯ୍ୟାପ୍ତ ପରିମାଣରେ ପାଣି, ବାଲି ଓ ଅନ୍ୟାନ୍ୟ ସୁରକ୍ଷା ସାମଗ୍ରୀ ମହଜୁଦ୍ ରହିଥିବା ନେଇ ବିଭାଗ ଯାଞ୍ଚ କରିଛି।

## ମିଠା ପ୍ରସ୍ତୁତି କଟକଣା

ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ପ୍ରସ୍ତୁତ ମିଠା ଉପରେ ପ୍ରସ୍ତୁତି ଏବଂ ଉପଯୋଗ ସମୟସୀମା ତାରିଖ ଉଲ୍ଲେଖ କରିବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମହାନଗର ନିଗମ ମେୟର ସୁଲୋଚନା ଦାସ କହିଛନ୍ତି, ବାସୀ, ଅପମିଶ୍ରିତ ରାସାୟନିକ ରଙ୍ଗ ବ୍ୟବହାର ଯୁକ୍ତ ମିଠା ଉପରେ କଟକଣା ଜାରି କରାଯାଇଛି। ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ କ୍ଷେତ୍ରରେ ସମ୍ପୃକ୍ତ ଦୋକାନୀମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେୟର କହିଛନ୍ତି। ଏଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଖାଦ୍ୟ ଯାଞ୍ଚ ଦଳ ଗଠନ କରାଯାଇଛି।

## ମୁଖ୍ୟମନ୍ତ୍ରୀ ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ  ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତାକାଲି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣି ତାରିଖ ସମ୍ପର୍କରେ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି କୁହାଯାଇଛି।

## ବିଜ୍ଞାନ ନାଟକ ପ୍ରତିଯୋଗିତା

**ଗଜପତି** ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ମହେନ୍ଦ୍ରଗିରି ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ

୨୫ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି

**ବୌଦ୍ଧ** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆସନ୍ତା ୨୯ ତାରିଖ ଦିନ ହେବାକୁ ଥିବା ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିବା ନେଇ ସତର୍କତାମୂଳକ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା।

## ସାଇବର ସୁରକ୍ଷା

**ଗଞ୍ଜାମ** ପୁଲିସ୍ ଜିଲ୍ଲା ପକ୍ଷରୁ ଆଜି ଛତ୍ରପୁରଠାରୁ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୫ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହାକୁ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଉଦ୍‌ଘାଟନ କରିଛନ୍ତି।

**ବୌଦ୍ଧ** ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସାଇବର ସୁରକ୍ଷା ଅଭିଯାନର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଅଂଚଳରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ପାଣିପାଗ

ଦକ୍ଷିଣ ଆଣ୍ଡାମାନସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ମଙ୍ଗଳବାର ସୁଦ୍ଧା ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଗୁରୁବାର ବେଳକୁ ଏହା ଅବପାତର ରୂପ ନେବ । ଆମେରୀକୀୟ ପାଣିପାଗ ସଂସ୍ଥାର ଆକଳନ ଅନୁସାରେ, ଅବପାତ’ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି । ହେଲେ, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବାତ୍ୟା ନେଇ କୌଣସି ସ୍ୱଷ୍ଟ ସୂଚନା ମିଳିନାହିଁ । କଟକ ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଆଦି ଜିଲ୍ଲାର କେତେକ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।